**ଜୟଗୁରୁ**

**ନୀଳାଚଳ ସାରସ୍ୱତ ସଂଘ, ପୁରୀ**

**ଶାଖା – ଆମେରିକା ସାରସ୍ୱତ ସଂଘ**

୭୮୨ତମ ଅଧିବେଶନର ବିବରଣୀ

**ତାରିଖ** – ୯-୨୬-୨୦୨୧ **ସମୟ** – ୦୭:୧୫-୧୧:୪୫ (ET) **ପାଳିଆ** – ବବି, ରଶ୍ମି ପଣ୍ଡା ମା, ରଶ୍ମି ଚୋଧୁରୀ ମା

ଉପସ୍ଥିତ ଭାଇ ଓ ମା' ମାନଙ୍କ ତାଲିକା ନିମନ୍ତେ web siteରେ ଥିବା ଉପସ୍ଥାନ file ଦ୍ରଷ୍ଟବ୍ୟ ।

**ପ୍ରଥମ ଅଧିବେଶନର ବିବରଣୀ –** Eastern time ପ୍ରାତଃ ପ୍ରାୟ ୭ଟା ୧୫ ମିନିଟ୍ ସମୟରେ ସ୍ମିତା ବାଇ ମା' ଓ ଉଦିତା ମା ଯଥାକ୍ରମେ 'କାହାର ଆଦର ବୋଲା ଡାକ ଶୁଭିଲା ରେ' ଓ 'ମିଳନ ମନ୍ଦିରେ ମୋର' ପ୍ରତୀକ୍ଷା ସଙ୍ଗୀତ ପରିବେଷଣ କରିଥିଲେ । ତତ୍ପରେ ସକାଳ ୭ଟା ୩୦ ମିନିଟ୍‌ରେ ସାନୁଜିତ ଭାଇ ନିଗମ ସ୍ମୃତିମନ୍ଦିରସ୍ଥିତ ସଙ୍ଘାସନରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ଆରତି ନିବେଦନ କରିଥିଲେ । ଆରତି ସମାପନାନ୍ତେ ବୃନ୍ଦାବନ ଭାଇଙ୍କ ନେତୃତ୍ୱରେ 'ବନ୍ଦଇ ଗୁରୁ ଚରଣ' ଗାନ କରାଯାଇ ସ୍ତୋତ୍ର ବନ୍ଦନା କରାଯାଇଥିଲା । ଏତତ୍‌ପଶ୍ଚାତ୍ ବ୍ରଜ ଭାଇ ପରିଚୟ ପତ୍ର ପାଠ, କରୋନା ମହାମାରୀ ରୁ ରକ୍ଷା ପାଇଁ ପ୍ରାର୍ଥନା, ସମ୍ମିଳନୀ ପାଇଁ ପ୍ରାର୍ଥନା, ଓ ନିଗମ ସ୍ମୃତିମନ୍ଦିରରେ ନିୟମିତ ନିତ୍ୟପୂଜାର ସୁବନ୍ଦୋବସ୍ତି ନିମନ୍ତେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଶ୍ରୀପୟରରେ ପ୍ରାର୍ଥନା ଜଣାଇଥିଲେ । ତତ୍ପରେ ବିଶ୍ୱ ଭାଇ ସଂଘସେବକ ଏକତ୍ରିଂଶ ଭାଗ, ଦ୍ୱିତୀୟ ସଂଖ୍ୟାରୁ 'ବନ୍ଦନା, ପ୍ରାର୍ଥନା ଓ ପ୍ରାର୍ଥନାକାରୀଙ୍କ ପ୍ରତି' ପାଠକରି ବ୍ୟାଖ୍ୟା କରିଥିଲେ । ଏହାପରେ କଳ୍ପନା ମା ଶ୍ରୀଶ୍ରୀଗୁରୁଗୀତାରୁ ୫୮ତମ ଶ୍ଳୋକ ପାଠ କରିଥିଲେ । ତତ୍ପରେ ରଶ୍ମି ଚୋଧୁରୀ ମା ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ବାଲ୍ୟ ଭୋଗ ଗ୍ରହଣ ନିମନ୍ତେ ଓ ନିଗମ ସ୍ମୃତି ମନ୍ଦିରେ ଉପସ୍ଥିତ ଥିବା ଭକ୍ତବୃନ୍ଦଙ୍କୁ ବାଲ୍ୟପ୍ରସାଦ ସେବନ ନିମନ୍ତେ ଓ ତଦନନ୍ତର eastern time ସକାଳ ୯ ଟା ୪୫ ମିନିଟ ସମୟକୁ ଦ୍ୱିତୀୟ ଅଧିବେଶନ ନିମନ୍ତେ ଶ୍ରୀଶ୍ରୀଠାକୁର ମହାରାଜ ଏବଂ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ନିମନ୍ତ୍ରଣ କରିଥିଲେ । ନିମନ୍ତ୍ରଣ ସମାପନାନ୍ତେ 'ଜୟଗୁରୁ' ନାମ କୀର୍ତ୍ତନ ଓ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପ୍ରଣାମ ପୂର୍ବକ ପ୍ରଥମ ଅଧିବେଶନର ପରିସମାପ୍ତି ଘଟିଥିଲା ।

**ଦ୍ୱିତୀୟ ଅଧିବେଶନର ବିବରଣୀ –** ଦ୍ୱିତୀୟ ଅଧିବେଶନ ପାରମ୍ଭର ସୂଚନା ସ୍ୱରୂପ ପୂର୍ବ ସ୍ଥିରିକୃତ କାର୍ଯ୍ୟସୂଚୀ ଅନୁଯାୟୀ eastern time ସକାଳ ୯ଟା ୩୦ ମିନିଟ୍‌ରେ ମିଲୁ ମା' ଓ ରଶ୍ମି ମା କମାନ୍ୱୟରେ 'ନୟନ ମଣିକି ମୋର ନୟନ ରେ ରଖିବି' ଓ 'ମନ ମୋର ଚାହେଁ ସେବିବାକୁ ସଦା' ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ । ଦିବା ୯ଟା ୪୫ ମିନିଟ ସମୟରେ 'ଭବବନ୍ଧନ ମୋଚନ' ଗାନ କରାଯାଇ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପ୍ରଣାମାନ୍ତେ ଦ୍ୱିତୀୟ ଅଧିବେଶନର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ସର୍ବପ୍ରଥମେ ଜ୍ଞାନ ଭାଇ 'ନନ୍ଦନ ବନ ପାରିଜାତ ତୁମେ ବନ୍ଦନ ମୋର ଘେନ' ଶୀର୍ଷକ ବନ୍ଦନା ଗାନ କରିଥିଲେ । ତତ୍ପରେ ସୋମ୍ୟ ଭାଇ ନିଗମ ଉପଦେଶ ପୁସ୍ତକରୁ ୯୮-୯୯ ପୃଷ୍ଠା ପାଠ କରିଥିଲେ । ତଦନନ୍ତର ସ୍ୱପ୍ନେଶ୍ୱର ଭାଇ ବିଗତ ଅଧିବେଶନର ବିବରଣୀ ପ୍ରଦାନ କରିଥିଲେ । ଏହାପରେ କେନ୍ଦ୍ର ରୁ କମ୍ମ ଭାଇ ଯୋଗଦାନ କରିଥିଲେ ଓ ପୁସ୍ତକ ପାଠ ଓ ତତ୍ ସମ୍ପର୍କୀୟ ଆଲୋଚନା କରିଥିଲେ । ସେ କହିଥିଲେ, ଆମେ କିପରି ସଂଘରେ ନିୟମିତ ଯୋଗ ଦେବା ପାଇଁ ଚେଷ୍ଟା କରିବା, ଠାକୁର ଙ୍କ ଅଦେଶ କୁ ଅବିଚାର ରେ ପାଳନ କରିବା ଓ ଆମର ଆଧ୍ୟାତ୍ମିକ ଉନ୍ନତି ପାଇଁ ସଦା ସର୍ବଦା ଠାକୁର ଙ୍କ ନିକଟରେ ପ୍ରାର୍ଥନା କରିବା । ଏହା ପରେ ନିହାର ଭାଇ 'ବିବେକ ଆଖି ତୁ ଖୋଲ ରେ ମନୁଆ' ଶୀର୍ଷକ ପ୍ରାର୍ଥନା ସଙ୍ଗୀତ ଗାନ କରିଥଲେ ।। ତତ୍ପରେ Young Aspirant

Session ଆଦିତି 'ଶରନ ମେ ଅୟେ ହେ ହମ ତୁମାରେ, ଦୟା କରୋ ହେ ଦୟାଲୁ ଭଗବନ' ପ୍ରାର୍ଥନା ସଙ୍ଗୀତ ଗାନ କରିଥଲେ । ତତ ପରେ ସ୍ୱାତୀ ମା Young Aspirant ମାନଙ୍କ ସହିତ ପରିଚୟ ପତ୍ର ବିଷୟରେ ଆଲୋଚନା କରିଥିଲେ । ଏହା ପରେ ଜଥାକ୍ରମେ ବବି, ରଶ୍ମି ପଣ୍ଡା ମା, ରଶ୍ମି ଚୋଧୁରୀ ମା ଭାବ ବିନିମୟ କରିଥିଲେ ଏବଂ ଠାକୁର ମହାରାଜଙ୍କୁ ମଧ୍ୟାହ୍ନ ଭୋଗଗ୍ରହଣ ଓ ସଂଧ୍ୟା ପୂଜା ନିମନ୍ତେ ନିମନ୍ତ୍ରଣ କରିଥିଲେ । ତତ୍ପରେ ଆସନ୍ତା Young Aspirant ପାଳିଆ ଆର୍ଯ୍ୟନା ଓ ଆସନ୍ତା ସଂଘପୂଜା ଅଧିବେଶନରେ ଯୋଗଦେବା ନିମନ୍ତେ ସୁଶ୍ରି ମା ଶ୍ରୀଶ୍ରୀଠାକୁର ମହାରାଜ ଓ ସମସ୍ତ ଭକ୍ତଗଣଙ୍କୁ ସାଦର ନିମନ୍ତ୍ରଣ ଜଣାଇଥିଲେ । ଏତଦ୍‌ପଶ୍ଚାତ୍ ରଶ୍ମି ପଣ୍ଡା ମା ନିଜ ତରଫରୁ, ଓ ସମସ୍ତ ସେବକ ସେବିକା ମାନଙ୍କର ଚଳିତ ସଂଘାଧିବେଶନରେ ଘଟିଥିବା ସମସ୍ତ ଅପରାଧ ଏବଂ ତ୍ରୁଟିବିଚ୍ୟୁତି ନିମନ୍ତେ ଶ୍ରୀଶ୍ରୀଠାକୁର ମହାରାଜ ଓ ସମବେତ ଭକ୍ତମାନଙ୍କ ନିକଟରେ ସବିନୟ କ୍ଷମା ପାର୍ଥନା କରିଥିଲେ । ଏହା ପରେ ବିଶ୍ୱଜିତ୍ ଭାଇଙ୍କ ନେତୃତ୍ୱରେ ବିଦାୟ ପ୍ରାର୍ଥନା ଗାନ କରା ଯାଇଥିଲା । ତଦନନ୍ତଉକ୍ତ ସଂଘାଧିବେଶନର ପୂର୍ଣ୍ଣାହୁତିର ସୂଚନା ସ୍ୱରୂପ 'ଜୟଗୁରୁ' କୀର୍ତ୍ତନ କରାଯାଇ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପ୍ରଣାମାନ୍ତେ ସଙ୍ଘାଧିବେଶନ ସମାପ୍ତ କରାଯାଇଥିଲା । ବିଶ୍ୱଜିତ୍ ଭାଇ ସଙ୍ଘସେବୀମାନଙ୍କର ଉପସ୍ଥାନ ନେବା ପରେ ଭକ୍ତଗଣ 'ଜୟଗୁରୁ' ପ୍ରୀତିସମ୍ଭାଷଣ ଜ୍ଞାପନ ପୂର୍ବକ ବିଦାୟ ନେଇଥିଲେ ।

ଶ୍ରୀଶ୍ରୀଠାକୁରଚରଣାଶ୍ରିତ

ବବି, ରଶ୍ମି ପଣ୍ଡା ମା, ରଶ୍ମି ଚୋଧୁରୀ ମା